# କରୋନା ମହାମାରୀ ମୁକାବିଲା ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ମତ୍ସ୍ୟ ପୋଖରୀ ଯୋଜନା



କରୋନା ମହାମାରୀ ସମୟରେ ରାଜ୍ୟର ଆଗ୍ରହୀ ଚାଷୀ ତଥା ଶିକ୍ଷିତ ବେକାର ଯୁବ ଗୋଷ୍ଠୀ ଏବଂ ଓଡ଼ିଶା ଫେରନ୍ତା ପ୍ରବାସୀ କର୍ମଜୀବୀଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା" ବା "ମତ୍ସ୍ୟ ପୋଖରୀ ଯୋଜନା (MPY)" ପ୍ରଚଳନ କରିଛନ୍ତି ।

### ଏହି ଯୋଜନାରେ

- ନୂତନ ପୋଖରୀ ଖନନ ଓ ମାଛ ଚାଷ ପାଇଁ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ ହେକ୍ଟର ପ୍ରତି ୮ ଲକ୍ଷ ୫୦ ହଜାର ଟଙ୍କା ପ୍ରକଳ୍ପ ମୂଲ୍ୟ ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦% ରିହାତି ଓ ମହିଳା ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ୫୦% ରିହାତି ପ୍ରଦାନ ବ୍ୟବସ୍ଥା ରହିଛି ।
- ଜଣେ ହିତାଧିକାରୀ ସର୍ବନିମ୍ନ ୦.୨ ହେକ୍ଟର ଓ ସର୍ବାଧିକ ୨.୦ ହେକ୍ଟର ପର୍ଯ୍ୟନ୍ତ ପୋଖରୀ ଖୋଳିବା ନିମନ୍ତେ ରିହାତି ପାଇ ପାରିବେ ।
- ହିତାଧିକାରୀଙ୍କର ସଂପୃକ୍ତ ଜମିର ମାଲିକାନା ସତ୍ତ୍ୱ ଥିବା ଆବଶ୍ୟକ
- ଯେଉଁ ମତ୍ସ୍ୟଚାଷୀ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଯୋଜନାରେ ପୂର୍ବରୁ ପୋଖରୀ ଖୋଳା ସହାୟତା ପାଇଥିବେ, ସେମାନେ ଉକ୍ତ ଯୋଜନାରେ ସାମିଲ ହୋଇପାରିବେ ନାହିଁ ।
- ହିତାଧିକାରୀ ମାଛ ପୋଖରୀ ହୁଡ଼ାରେ ନିଜ ଖର୍ଚ୍ଚରେ ଉଦ୍ୟାନ କୃଷି କରି ଅଧିକ ରୋଜଗାରକ୍ଷମ ହୋଇପାରିବେ ।
- ଜଣେ ଚାଷୀ ଏକ ଏକର ପୋଖରୀରେ ମାଛ ଚାଷ କରି ଦୁଇଟନ ମାଛ ଉତ୍ପାଦନ କରିପାରିବେ ଓ ଏହା ଦ୍ୱାରା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ ।
- ସବିଶେଷ ତଥ୍ୟ ପାଇଁ ଆଗ୍ରହୀ ହିତାଧିକାରୀମାନେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ ଅଥବା ଜିଲ୍ଲା ମତ୍ସ୍ୟ ଅଧବକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ । ମତ୍ସ୍ୟ ନିର୍ଦ୍ଦେଶାଳୟ ୱେବ୍‌ସାଇଟ୍ www.odishafisheries.nic.in ରେ ମଧ ଏହି ଯୋଜନାର ସବିଶେଷ ବିବରଣୀ ଉପଲବ୍ଧ ।







"ଯୋଜନାର ନାମ ମତ୍ସ୍ୟ ପୋଖରୀ, ସାବଲମ୍ବୀ ହେବ ରାଜ୍ୟ ଆମରି"

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ
କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର